# Akashvani, Sambalpur

## SAMBALPURI NEWS EVENING BULLETIN

## 24 May 2026-7.02- 7.12 pm.

---

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ୨୦୨୬ ବଛର୍ ଲାଗି ପ୍ରଦାନ୍ କର୍‌ବେ ପଦ୍ମପୁରସ୍କାର୍ ।

୨- ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗନ୍‌ତି ମନ୍‌ତି କାମ୍ ଆଏଜ୍‌ଠାନୁ ହେଲା ବନ୍ଦ୍ ।

- ଭକ୍ତମାନେ ଭିତର୍‌କାଠ ପାଶୁ ମାହାପୁରୁମାନ୍‌କୁ କରୁଛନ୍ ଦର୍ଶନ୍ ।

୩- ବିଷକ୍ରିୟା ହେଇଥିବା ଖାଦ୍ୟ ଖାଇକରି ସୁନ୍ଦର୍‌ଗଡ୍ ଜିଲ୍ଲା ନୂଆଡିହି ଗାଁର୍ ୪ ଝନ୍‌କର୍ ଗଲା ଜୀବନ୍ ।

ଆଉର୍

୪- ରାଏଜେ ହଉଥିବା ଖରା ଆଉ ଗୁଳଗୁଳି ଲାଗି ଲୁକ୍‌କୁ ସତର୍କ ରହେବାର୍‌କେ ପରାମର୍ଶ ଦେଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

ପଦ୍ମପୁରସ୍କାର        ଏନ୍ଏସ୍ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ୨୦୨୬ ବଛର୍ ଲାଗି ପଦ୍ମପୁରସ୍କାର୍ ପ୍ରଦାନ୍ କର୍‌ବେ । ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ଖାସ୍ ସମାରୋହଥି ରାଷ୍ଟ୍ରପତି ପଦ୍ମବିଭୂଷଣ୍, ପଦ୍ମଭୂଷଣ୍ ଆଉ ପଦ୍ମଶ୍ରୀ ପୁରସ୍କାର୍ ବିଜେତା ମାନ୍‌କୁ ପହେଲା ଖେପ୍ ବେସାମରିକ୍ ପୁରସ୍କାର୍ ଦେବେ । ଇ ଅବ୍‌ସରେ ଆକାଶ୍‌ବାଣୀ ତର୍‌ଫୁ ପିପୁଲ୍ସ ପଦ୍ମ ଶୀର୍ଷକ୍ ସିରିଜ୍‌ର ୧୬ ଟା କାର୍ଯ୍ୟକ୍ରମ୍ ପ୍ରସାରିତ୍ ହେବା । ଇଥି ପଦ୍ମପୁରସ୍କାର୍ ପାଇଥିବା ବ୍ୟକ୍ତିବିଶେଷ୍ ମାନ୍‌କର୍ କାମ୍ ଆଉ ଜୀବନୀ ବାବ୍‌ଦେ ଶ୍ରୋତାମାନ୍‌କୁ ତଥ୍ୟ ଦିଆଯିବା ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି       ଆଇ.ଆଣ୍ଡ୍.ପି.ଆର୍

ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ଅଭିଯୋଗ ଶୁଣାଣିର୍ ପରବର୍ତୀ ତାରିଖ୍

ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରତ୍ନଭଣ୍ଡାର୍ ଗନ୍ତିମନ୍ତି        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗନ୍ତି ମନ୍ତି କାମ୍ ଆଏଜ୍ଠାନୁ ବନ୍ଦ୍ ରଖାଯାଇଛେ । ଜବର୍ ତାତି ଆଉ ଜବର୍ ଭିଡ୍ ଆଉ ଆଏବା ଦିନେ ଭିନ୍ ଭିନ୍ ନୀତିକାନ୍ତିକେ ନଜରଥି ରଖିକରି ସାମୟିକ ଭାବେ ଗନ୍ତି କାମ୍ ବନ୍ଦ୍ ରଖିବାର୍ ଲାଗି ନିଷ୍ପତି ନିଆଯାଇଛେ । ଆଏବା ମାସେ ସ୍ନାନ ପୂର୍ଣ୍ଣିମା ଆଘ୍ରୁ ଗନ୍ତି କାମ୍ କରାଯିବାର୍ ବାବ୍ଦେ ପରବର୍ତୀ ବୈଠକ୍ଥି ନିଷ୍ପତି ନିଆଯିବା । ଆଏବା ସ୍ନାନ ଯାତ୍ରା ଆଉ ରଥଯାତ୍ରା ଲାଗି ପ୍ରସ୍ତୁତି ଆଉ ସୁପରିଚାଳନାକେ ନେଇକରି ଇ ମାସେ ଛତିଶାନିଯୋଗ୍ ଆଉ ପରିଚାଳନା କମିଟି ବୈଠକ୍ ହେବା ବଲି ଜନାପଡ଼ିଛେ । ଗନ୍ତି କାମ୍ ବନ୍ଦ୍ ରଖିବାର୍ ଲାଗି ନିଷ୍ପତି ହେବାର୍ ଉତ୍ରୁ ଭକ୍ତ ମାନେ ଆଏଜ୍ଠାନୁ ସ୍ୱାଭାବିକ୍ ଭାବେ ଭିତର କାଠ ପାଶୁ ମାହାପୁରୁମାନ୍କୁ ଦର୍ଶନ୍ କରୁଛନ୍ ।

ଏଜୁକେସନ୍ ମିନିଷ୍ଟ୍ରି- ଜାପାନ୍         ଏନ୍ଏସ୍ଡି

ଜାପାନ ନ  ହେବାର୍କେ ଥିବା ସାକୁରା ବିଞ୍ଜାନ୍ କାର୍ଯ୍ୟକ୍ରମ୍ ୨୦୨୬ ଥି ଭାଗ୍ ନେବାର୍ ଲାଗି ମନୋନୀତ୍ ଛାତ୍ରଛାତ୍ରୀ ନୂଆଦିଲ୍ଲୀ ନୁ ଗଲାକାଏଲ୍ ଯାତ୍ରା କରିଛନ୍ । ଶିକ୍ଷା ମନ୍ତ୍ରଣାଲୟ ଅଧୀନ୍ଥି ସ୍କୁଲ୍ ଶିକ୍ଷା ଆଉ ସାକ୍ଷରତା ବିଭାଗ୍ ତର୍ଫୁ ଇ କାର୍ଯ୍ୟକ୍ରମ୍ ଲାଗି ଛାତ୍ରଛାତ୍ରୀ ମାନ୍କୁ ବଛାଯାଇଛେ । ଶିକ୍ଷା ମନ୍ତ୍ରଣାଲୟର୍ ସୂଚ୍ନା ଅନ୍ସାରେ ଓଡ଼ିଶା ସହେତେ ୧୫ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ସର୍କାରୀ ବିଦ୍ୟାଳୟର୍ ୨୪ ଝନ୍ ଛାତ୍ର ଆଉ ୩୨ ଝନ୍ ଛାତ୍ରୀଙ୍କର୍ ସହେତେ ୪ ଝନ୍ ପର୍ଯ୍ୟବେକ୍ଷକ ଇ ଗସ୍ତଥି ଯାଇଛନ୍ । ବଛା ହେଇଥିବା ଇ ଦଲ୍ ଆଏବା ୩୦ ତାରିଖ୍ ତକ୍ ଜାପାନ୍ ନ ରହେବେ । ଭାରତ୍ ସହେତେ ଇ କାର୍ଯ୍ୟକ୍ରମ୍ଥି ଘାନା, ନାଇଜେରିଆ ଆଉ ଦକ୍ଷିଣ ଆଫିକ୍ରାର୍ ଛାତ୍ରଛାତ୍ରୀ ଭିଲ୍ ଭାଗ୍ ନେଇଛନ୍ ।

ଯୁବ ଶିକ୍ଷାର୍ଥୀମାନ୍କର୍ ଭିତ୍ରେ ବୌଦ୍ଧିକ ଚିନ୍ତାଧାରାକେ ଅଏତ୍କା ବ୍ୟାପକ କର୍ବାର୍, ବିଞ୍ଜାନ୍ ଭିତିକ ଗବେଷଣାକେ

ତହଁକାବାର୍ ଲକ୍ଷ୍ୟ ନେଇକରି ଜାପାନ୍ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ସଂସ୍ଥା ୨୦୧୪ ମସିହାନୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରି ଆସୁଛେ ।

ସିବିଏସ୍‌ଇ- ସ୍ୱଷ୍ଟୀକରଣ୍        ଏନ୍‌ଏସ୍‌ଡି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍- ସିବିଏସ୍‌ଇ ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଉତ୍‌ରର୍ ଭୁଲ୍‌କେ ନେଇକରି ସ୍ୱଷ୍ଟୀକରଣ୍ ଦିଆଯାଇଛେ । ଛାତ୍ରଛାତ୍ରୀମାନ୍‌କର୍ ଠାନୁ ଉତର୍ ଖାତାର୍ ନକଲ୍ ଲାଗି ଧାରିଜ୍ ଦେୟ ନୁ ଅଏତ୍‌କା ନିଆଯାଇଥିବା ଆଉ କେତେଟା କ୍ଷେତ୍ରଥି କମ୍ ଦେୟ ନିଆହଉଥିବା ସିବିଏସ୍‌ଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଯେନ୍‌ମାନେ ଅଏତ୍‌କା ଦେୟ ଦେଇଛନ୍ ସେମାନ୍‌କୁ ବାକି ଟଙ୍କା ଫିରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ । କମ୍ ଦେୟ ଦେଇଥିବା ଛାତ୍ରଛାତ୍ରୀମାନ୍‌କୁ ଆବଶ୍ୟକ୍ ଟଙ୍କା ଦେବାର୍ ଲାଗି କୁହାଯିବା ବଲି ସିବିଏସ୍‌ଇ ତର୍‌ଫୁ କୁହାଯାଇଛେ । ପରୀକ୍ଷାର୍ଥୀମାନ୍‌କୁ ଉତର୍‌ଖାତାର୍ ସ୍କାନ୍ କପି ଲାଗି ଆଉ ଥରେ ଆବେଦନ୍ କର୍‌ବାର୍‌କେ ନାଇଁ ପଡ୍‌େ ବଲି ଜନାପଡ଼ିଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ବିଷକ୍ରିୟା          ଝାର୍‌ସୁଗୁଡ଼ା ସମ୍ବାଦଦାତା

ଖାଏବାର୍ ଦରବ୍ ବିଷାକ୍ତ ହେଇଯାଇଥିବାର୍ ନୁ ସୁନ୍ଦର୍ଗଡ଼୍  ଜିଲ୍ଲା ହେମ୍ଗିରି ବ୍ଲକ୍ ନୂଆଡିହି ଗାଁର୍ ୪ ଝନ୍କର୍ ଜୀବନ୍ ଯାଇଛେ । ଗୁଟେ ଶ୍ରାଦ୍ଧ ଭୁଜିଥି ଖାଏବାର୍ ଉତ୍ରୁ ୧୭ ଝନ୍ ଅସୁସ୍ଥ ହେଇଥିବାର୍ ସୂଚ୍ନା ମିଳିଛେ । ଅସୁସ୍ଥ ମାନ୍କର୍ ଭିତ୍ରେ ଝନେ ୨୩ ମାସର୍ ଟୁକେଲ୍ ଛୁଆ ଆଉ ୧୧ ବର୍ଷିଆ ନାବାଳିକା ରହିଛନ୍ । ଅସୁସ୍ଥମାନ୍କୁ ହେମ୍ଗିରି ଆଉ ଝାର୍ସୁଗୁଡ଼ାର ଭିନ୍ ଭିନ୍ ଡାକ୍ତର୍ଖାନା ନ ଚିକିତ୍ସା କରାଯାଉଛେ । ସ୍ୱାସ୍ଥ୍ୟ ବିଭାଗ୍ ଆଉ ପୁଲିସ୍ ତର୍ଫୁ ଘଟ୍ନାର୍ ଯାଂଚ୍ କାମ୍ ମୁଲ୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ରାଜସ୍ୱ ମନ୍ତ୍ରୀ-ଝାର୍ସୁଗୁଡ଼ା ଝାର୍ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ ନ ବହୁତ୍ଟେ ନୂଆଁକରି ତିଆର୍ ଆଉ ପ୍ରସ୍ତାବିତ୍ ଉନ୍ନୟନ୍ ମୂଳକ ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । କନକ୍ତୁରା ନ ପାଖାପାଖି ୮ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍କେ ଥିବା

ଅତିଥିଭବନ୍ ସହେତେ ୨ ଟା ସଡ଼କ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ହେଇଛେ । ଲଖନ୍‌ପୁର୍ ବ୍ଲକ୍ କାର୍ଯ୍ୟାଲୟ ପରିସର୍ ନ ୬ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ବହୁତ୍‌ଟେ ପ୍ରକଳ୍ପର୍ ଲୋକାର୍ପଣ୍ ସହେତେ ନୂଆଁକରି ତିଆର୍ ହେଇଥିବା ଅତିରିକ୍ତ ବ୍ଲକ୍ କାର୍ଯ୍ୟାଲୟର୍ ଉଦ୍‌ଘାଟନ୍ କରାଯାଇଛେ । ଇତାର୍ ଉତ୍‌ରୁ ସାଧାରଣ୍ ଲୁକଙ୍କର୍ ଅଭିଯୋଗ୍ ଶୁନିକରି ସମସ୍ୟାର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଏଡ୍ -ପ୍ରବେଶିକା ଆଇ ଆଣ୍ଡ ପି.ଆର୍

୨ ବଛ୍‌ରିଆ ବିଏଡ୍ ପାଠ୍ୟକ୍ରମ୍ ଲାଗି ଆଏବା ୩୧ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ହେବା । ଜୁନ୍ ୩ ତାରିଖ୍ ଦିନ ବିଏଚ୍‌ଏଡ୍ ହିନ୍ଦୀ, ଆଉ ଏମ୍.ଏଡ୍ ପାଠ୍ୟକ୍ରମ୍ ଲାଗି ପ୍ରବେଶିକା ପରୀକ୍ଷା ହେବା । ଇଥିର୍‌ଲାଗି ରାଜ୍ୟ ଚୟନ ବୋର୍ଡ୍ - ଏସ୍‌ଏସ୍‌ବି ତରଫୁ ବିଜ୍ଞପ୍ତି ବାହାରିଛେ । ୩୧ ତାରିଖ୍ ସଖାଲର୍ ୧୦ ନୁ ୧୨ ବଜେତକ୍ ବିଏଡ୍ ପରୀକ୍ଷା ହେବାର୍‌କେ ଥିବାର୍ ବେଲେ ଜୁନ୍ ୩ ତାରିଖ୍ ୧୦ ନୁ ୧୨ ବଜେତକ୍ ବିଏଚ୍‌ଏଡ୍ ହିନ୍ଦୀ

ପରୀକ୍ଷା ଆଉ ଉପର୍‌ବେଲା ୩ ନୁ ୫ ବଜେ୍‌ତକ୍ ଏମ୍‌ଏଡ୍ ପରୀକ୍ଷା ହେବା । ଆଏବା ୨୭ ତାରିଖ୍ ଦିନର୍ ୧ ବଜେନୁ ଛାତ୍ରଛାତ୍ରୀମାନେ ଏସ୍‌ଏସ୍‌ବି ର ୱେବ୍‌ସାଇଟ୍‌ନୁ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ । ସୂଚ୍‌ନା ଅନ୍‌ସାରେ ଆଏବା ଜୁନ୍ ୪ ତାରିଖ୍ ପ୍ରବେଶିକା ପରୀକ୍ଷାର୍ ଉତର୍‌ପତ୍ର ବାହାର୍‌ବା ।

ରଥକାଠ ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ତିନ୍‌ହି ରଥର୍ ୨୧ ଟା ଅଖ ତିଆର୍ କାମ୍ ଶେଷ୍ ହେଇଛେ । ଆଘୋନୁ ୩ ଟା ରଥର୍ ୪୨ ଟା ଚକା ତିଆରି କାମ୍ ଶେଷ୍ ହେଇଥିଲା । ସୂଚ୍‌ନା ଅନ୍‌ସାରେ ତିନ୍‌ହି ରଥର୍ ୨୦ ଫୁଟ୍ ଲମ୍ବା ୧୪ ଟା ଲେଖା ଚଉଦ ନାହାକା ଖମ୍ବ ତିଆର୍ କାମ୍ ଜାରି ରହିଛେ । ଇହାଦେତକ୍ ତାଳଧ୍ୱଜ ରଥର୍ ୮ ଟା, ଦର୍ପଦଳନ ରଥର୍ ୯ ଟା ଆଉ ନନ୍ଦିଘୋଷ ରଥର୍ ୧୧ ଟା ଚଉଦ ନାହାକା ଚଉପଟ ଉତ୍‌ରୁ ଅଷ୍ଟକୋଣି ଅଂଶ ମରାମତି କାମ୍ ଶେଷ୍ ହେଇଛେ । ରୂପକାର୍ ସେବକ୍‌ମାନେ ତିନ୍‌ହି ରଥର୍ ୮ ଟା ଲେଖା ତୀଖଗୁଜଥି

ସିଂହବିରାଳ ରୂପଖୁଦେଇ କରୁଛନ୍ । ଓଝାସେବକ୍‌ମାନେ ତିନ୍‌ହି ରଥର ଅଖକଂଟା, ଦଣ୍ଡାକଂଟା ଆଉ ବେଦୀ ସିଂହାସନ୍ ପ୍ରସ୍ତୁତି ଲାଗି କଂଟା ତିଆର୍ କରୁଛନ୍ ।

ଜନ୍ମବାର୍ଷିକୀ -ନୀଳମଣି          ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତ୍‌ରାୟଙ୍କର୍ ଆଏଜ୍ ଜନ୍ମବାର୍ଷିକୀ ପାଳନ୍ କରାଯାଉଛେ । ୧୯୨୦ ମସିହା ମେ ମାସର୍ ୨୪ ତାରିଖ୍‌ଥି ଜନମ୍ ହେଇଥିବା ନୀଳମଣି ରାଉତରାୟ ଜନତା ପାର୍ଟିର୍ ପ୍ରାର୍ଥୀ ଭାବେ ୧୯୭୭ ମସିହାଥି ଓଡ଼ିଶାର୍ ପହେଲା ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ୧୯୮୯ ମସିହାଥି ଲୋକସଭାକେ ନିର୍ବାଚିତ ହେବାର୍ ଉତ୍‌ରୁ ସେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ଆଉ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍,

ଆଘର୍ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ଅଲିଭ୍ ରିଡ୍ଲେ କେଁଛୋ ଆର୍ଏନ୍ୟୁ/ କଟକ୍

ପୁର୍ଥିର୍ ସବୁନୁ ବଡ଼ ଅଣ୍ଡାଦାନ୍ ସ୍ଥଲୀଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲ୍ଲାର୍ ଗହୀର୍ମଥା ଇଲାକା ନ ଇ ବଛର୍ ଅଲିଭ୍ ରିଡ୍ଲେ କେଁଛୋ ମାନେ ଅଣ୍ଡା ନାଇଁ ଦେଇକରି ଫିରିଯାଇଥିବାର୍ ଜନାପଡ଼ିଛେ । ଫି' ବଛର୍ ଭିନ୍ ଭିନ୍ ପ୍ରଜାତିର୍ କେଁଛୋ ମାନେ ଧାରିଜ୍ ଜାଗା ନ ସମୂହ ଅଣ୍ଡାଦାନ୍ କରୁଥିବାର୍ ବେଲେ ଅଲିଭ୍ ରିଡ୍ଲେ ପ୍ରଜାତିର୍ କେଁଛୋ ବଙ୍ଗୋପ୍ସାଗର୍ର ଓଡ଼ିଶା ସମୁଦ୍ର ଖଁଡ଼ି ଇଲାକାକେ ଅଣ୍ଡା ଦେବାର୍ ଲାଗି ଆଏସନ୍ । ହେଲେ ଇ ବଛର୍ ଅଣ୍ଡା ନାଇଁ ଦେଇକରି ସମୁଦ୍ର ଭିତର୍କେ ଫିରିଯିବାର୍ ଘଟ୍ନା ଆଚମ୍ବିତ୍ କରିଛେ । ୨୦୧୪ ମସିହାଥି ଏନ୍ତା ଘଟ୍ନା ଘଟିଥିଲା । ଇ ବଛର୍ ତାପମାତ୍ରା ଅଏତ୍କା ବଢ଼ିଥିବାର୍ ଲାଗି ଅଣ୍ଡାଦାନ୍ ସମ୍ଭବ୍ ନାଇଁ ହେଇଥିବାର୍ ଅନୁମାନ୍ କରାଯାଇଛେ ।

ସିଜୋଫ୍ରେନିଆ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାନସିକ ରୋଗୀମାନ୍‌କୁ ସ୍ନେହ, କରୁଣା, ଦୟା ଦେଖାବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍‌ଥି ଫି ବଛର୍ ମେ ୨୪ ତାରିଖ୍‌କେ ବିଶ୍ୱ ସିଜୋଫ୍ରେନିଆ ଦିବସ ଭାବେ ପାଲନ୍ କରାଯାଉଛେ । ସିଜୋଫ୍ରେନିଆ ହେଉଛେ ଗୁଟେ ମାନସିକ୍ ସମସ୍ୟା । ଇଟା ମୁନ୍‌ଷର୍ ଭାବନା, ଆବେଗ, ବେଭାର୍ ଆର୍ କାର୍ଯ୍ୟଦକ୍ଷତାକେ ବିଶେଷ୍ ଭାବେ ପ୍ରଭାବିତ୍ କରିଥିସି । ମସ୍ତିଷ୍କଥି ଖାସ୍ କରି ଡୋପାମିନ୍ ରାସାୟନିକ ତତ୍ୱର ମାତ୍ରା ବଢ଼୍‌ଲେ ଇ ବେମାର୍ ହେଇଥିସି ।

ପୂର୍ତ ବିଭାଗ୍ ନିର୍ଦ୍ଦେଶ୍-ଶ୍ରମିକ ଆଇ.ଆଣ୍ଡ୍.ପି.ଆର୍

ଜବର୍ ଖରାକେ ନଜର୍‌ଥି ରଖିକରି ଦିନର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ଶ୍ରମିକ୍‌ମାନ୍‌କୁ କାମ୍‌ଥି ନାଇଁ ଲଗାବାର୍‌କେ ପୂର୍ତ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଜାରି କରାଯାଇଛେ । ପୂର୍ତ ବିଭାଗ୍‌ର ଇଆଇସି ସବୁ ଜୋନ୍‌ର ମୁଖ୍ୟ

ନିର୍ମାଣଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀମାନ୍‌କୁ ଇ ବାବ୍‌ଦେ ଚିଠି ଲେଖିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜବର୍ ତାତି ଆଉ ଗୁଲଗୁଲିକେ ନେଇକରି ଲୁକ୍‌କୁ ସତର୍କ ରହେବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଖାସ୍ କରି ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେ ଭିତ୍‌ରେ ଘରେ ରହେବାର୍‌କେ ଶ୍ରୀ ପୂଜାରୀ କହିଛନ୍ । ଦର୍‌କାର୍ ହେଲେ ପାଏନ୍, ଉଦା ଗାମ୍‌ଛା ସାଙ୍ଗେ ନେବାର୍ ଲାଗି ଭିଲ୍ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ସୁରେଶ ପୂଜାରୀ)

ରାଏଜେ ଆଏବା ୫ ଦିନ୍‌ତକ୍ ଗ୍ରୀଷ୍ମ ପ୍ରବାହ ଜାରି ରହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ଦିନର୍ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁହୁଏ । ସମୁଦ୍ରଖଁଡ଼ି ଜିଲ୍ଲା ମାନ୍‌କେ ତାପମାତ୍ରା ବଢ଼୍‌ବାର୍ ସହେତେ ଅତ୍ୟଧିକ୍ ଗୁଲଗୁଲି ହେବା । ସେଆଡ଼େ ଓଡ଼ିଶାକେ

ମୌସୁମୀ ଆସ୍‌ବାର୍ ବାବ୍‌ଦେ କେନ୍‌ସି ପୂର୍ବାନୁମାନ୍ ନାଇଁ କରାଯାଇ ବଲି ଶ୍ରୀ ମହାପାତ୍ର କହିଛନ୍ ।